ପାଠ-୨୭

# ଝିଅ ହେବ ତ ଏମିତି

ଗୌରୀ ଓ ଗୌତମ ଭାଇଭଉଣୀ । ଦୁଃଖୀରାମ ସେମାନଙ୍କ ବାପା । ବାପା, ମା, ଗୌରୀ ଓ ଗୌତମଙ୍କୁ ନେଇ ତାଙ୍କ ପରିବାର । ପରିବାରଟି ଛୋଟ । ତାଙ୍କର କୌଣସି ଅଭାବ ନ ଥାଏ ।



ଦିନେ ଦୁଃଖୀରାମ ବାବୁ ଘରେ ନ ଥିଲେ । ଗୌତମର ଦେହ ଖରାପ ହେଲା । ସେହି ସମୟରେ ଝଡ଼ ପବନ ହେଉଥାଏ । ଗୌତମର ଦେହଦୁଃଖ ଗୌରୀ ସହିପାରିଲା ନାହିଁ । ସେ ଝଡ଼ ବତାସକୁ ଦେଖି ଡରିଲା ନାହିଁ । ଗୌତମକୁ ସାଙ୍ଗରେ ଧରି ବଇଦଙ୍କ ନିକଟକୁ ଗଲା ।



ବଇଦ ଗୌତମକୁ ଦେଖିଲେ । ରବିବାରଠାରୁ ଶନିବାର ଯାଏଁ ସାତଦିନ ପାଇଁ ଔଷଧ ଦେଲେ । ଗୌତମ ଔଷଧ ଖାଇଲା । ତା'ର ଦେହ ଭଲ ହୋଇଗଲା ।



ଗୌରୀର ଦୁଃସାହସ
ଦେଖି ଲୋକମାନେ
ତାକୁ ବାଃ ବାଃ କଲେ ।
ସଭିଏଁ କହିଲେ,
"ଝିଅ ହେବ ତ ଏମିତି ।"

# ଅଭ୍ୟାସ

୧. ପଢ଼ିବା ଓ ଲେଖିବା ।

ଗୌତମ କେଉଁ କେଉଁ ଦିନ ଔଷଧ ଖାଇଲା ?

ଗୌତମ ରବିବାର, ସୋମବାର, ମଙ୍ଗଳବାର, ବୁଧବାର, ଗୁରୁବାର, ଶୁକ୍ରବାର ଓ ଶନିବାର ଔଷଧ ଖାଇଲା ।

୨. ଖାଲିଘର ପୂରଣ କରିବା ।

ରବିବାର, ସୋମବାର, ________, ________,

ଗୁରୁବାର, ଶୁକ୍ରବାର, ________ ।

୩. ତଳ ବାକ୍ସରୁ ଅକ୍ଷର ନେଇ ଶବ୍ଦ ଗଢ଼ିବା ଓ ଲେଖିବା ।

ଯେପରି – କୌରବ

| | | | | | |
|---|---|---|---|---|---|
| କୌ | ଙ୍ଗ | ର | ତୁ | ବୈ | ମ |
| ୟ | ଗୀ | ଦୁଃ | ସ | ବ | ରା |
| ଚୌ | କ | କି | ଗୌ | ଠ | କା |

୪. ଛବି ଦେଖିବା ଓ ତଳ ଲେଖା ପଢ଼ିବା ।



ଔଷଧ



ଚୌକି



ନୌକା

୫. ଆସ ଗାଇବା ।

କୌତୁକିଆ ହରିଣ ଛୁଆ
ମା' ପାଖରେ ହୋଇଛି ଠିଆ ।

୬. ତଳ ଶବ୍ଦଗୁଡ଼ିକର ପ୍ରଥମ ଅକ୍ଷରରେ 'ୌ' ଲଗାଇ ଶବ୍ଦଗୁଡ଼ିକୁ ପଢ଼ିବା ଓ ଲେଖିବା ।

ଯେପରି : କରବ - କୌରବ

ଦଲତ, ସରଭ, ଗରବ, କତୁକ, ଚକାଠ, ନକା, ଗରୀ

୭.





ଦୁଃଖୀ

'ଃ'– ଏପରି ଚିହ୍ନ ଶବ୍ଦର କେଉଁ ଅକ୍ଷରରେ ଅଛି, ତା'କୁ '◯' ବୁଲାଇବା ।

୮. କ) ଆସ ସଭିଏଁ ମିଶି ଗାଇବା ।



ବାଃ ବାଃ ବାଃ କେମିତି ମଜା
ଭାଲୁ ନାଚ କରେ ବଜାଇ ବାଜା ।
ଗଧ ଗୀତ ଗାଇ ଆସିଲା ପଶି
ଖୁସିରେ ପିଲାଏ ଉଠିଲେ ହସି ।

ଖ) ଖାଲି ଘରେ କେଉଁ ଶବ୍ଦ ହେବ ଲେଖିବା ।

(ବାଃ ବାଃ, ଆଃ, ଓଃ)

- ଝୁଣ୍ଟି ପଡ଼ିବାରୁ ମିତା ____ କହି ବସିଗଲା ।
- ଗୌରୀ ଦୌଡ଼ରେ ପ୍ରଥମ ହେବାରୁ ସମସ୍ତେ ____ କଲେ ।
- ବାଟୋଇଟି ଝାଳନାଳ ହୋଇ କହିଲେ, ____ କି ଖରା !

୯. ସବୁ ଚିତ୍ର ଦେଖିବା । ଚିକି ଗୋଟିଏ ଦିନରେ କେଉଁ କାମ ପରେ କେଉଁ କାମ କରିଛି ◯ ଭିତରେ ୧,୨,୩,୪,... କ୍ରମରେ ଲେଖିବା ।



୧୦. ତଳଚିତ୍ରକୁ ଦେଖି ଆଗକୁ ଚିତ୍ର ଆଙ୍କିବା ।

କ) 

ଖ) 

୧୧. ଆସ କହିବା ।

କ) ଆମେ କେଉଁସବୁ ଗଛର ପତ୍ର ଓ ମୂଳ ଇତ୍ୟାଦି ଔଷଧ ରୂପେ ବ୍ୟବହାର କରୁ ? ଯେପରି– ତୁଳସୀ ପତ୍ରର ରସ କାଶ ଓ ଜ୍ୱର ପାଇଁ...

ଖ) ତୁମେ ବିଦ୍ୟାଳୟରେ କେତେବେଳେ ମଧ୍ୟାହ୍ନ ଭୋଜନ ଖାଅ ?

ଗ) ବୁଧବାର ଆଗରୁ କେଉଁ ବାର ହୁଏ ?

ଘ) ଶନିବାର ପରେ କେଉଁ ବାର ଆସେ ?

ତୁମପାଇଁ କାମ :-

ବାପା ମା'ଙ୍କଠାରୁ ଔଷଧ ହେଉଥିବା କେତୋଟି ଗଛ ପତ୍ର, ମୂଳ, ଇତ୍ୟାଦିର ନାମ ବୁଝ ଓ ସେଗୁଡ଼ିକ କେଉଁ ରୋଗ ପାଇଁ ବ୍ୟବହାର କରାଯାଏ ସାଙ୍ଗମାନଙ୍କୁ କହ ।

## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ଆବଶ୍ୟକସ୍ଥଳେ ଅଭ୍ୟାସ କାମର ସୂଚନା ଶିକ୍ଷକ ଉଦାହରଣ ଦେଇ ବୁଝାଇବେ, ଯେପରି ପିଲା ସ୍ୱଚ୍ଛନ୍ଦରେ କାମ କରିବେ।

- ଅଭ୍ୟାସ ୩, ୬ ଓ ୭ର ଚିତ୍ର ପରି ଅନ୍ୟ ଚିତ୍ର ଓ ଶବ୍ଦନେଇ ଏହି ପ୍ରକାରର ଅଧିକ କାର୍ଯ୍ୟ ମଧ୍ୟ କରିବା ଆବଶ୍ୟକ।

- ଅଭ୍ୟାସ ୩ ରେ କୌଶଳ, କୌରବ, ଗୌରବ, ଗୌରାଙ୍ଗ, ଚୌକି ପରି ଶବ୍ଦ ଆସିବା ଦରକାର।

- ୨୫ ପିରିଅଡ଼ର ଏହି ପାଠରୁ ଔ ଅକ୍ଷର, 'ୌ' (ଔକାର), ଃ (ବିସର୍ଗ) ଚିହ୍ନିବା, ପଢ଼ିବା ଓ ଲେଖିବା, ସପ୍ତାହର ବାରମାନଙ୍କୁ କ୍ରମରେ କହିବା, ଦିନ ମଧ୍ୟରେ ବିଭିନ୍ନ କାମକୁ କ୍ରମାନ୍ୱୟରେ ସଜାଇବା, ଚେରମୂଳି ଔଷଧ ଚିହ୍ନିବା ଓ ବ୍ୟବହାର ଦର୍ଶାଇବା ଦକ୍ଷତାର ବିକାଶ ହେବା ଆବଶ୍ୟକ।